## କ୍ଷୁଦ୍ର ନାଟିକା

# ଅନିତ୍ୟ ସଂସାରରେ ନିତ୍ୟ ସେବକ


ରଚନା ଓ ନିର୍ଦ୍ଦେଶନା

**ଶ୍ରୀଯୁକ୍ତ ରମାକାନ୍ତ ସାହୁ**

ପ୍ରଧାନଶିକ୍ଷକ, ସବିରା ସରକାରୀ ଉଚ୍ଚ ବିଦ୍ୟାଳୟ, ସବିରା, ସୋର, ବାଲେଶ୍ୱର


ଉପସ୍ଥାପନା

ସବିରା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ବୃନ୍ଦ

ସ୍ଥାନ:

ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର

ସୌଜନ୍ୟ :

କଳାକାର, ବାଲେଶ୍ୱର

ଶିଶୁ ନାଟକ ମହୋତ୍ସବର ରୌପ୍ୟ ଜୟନ୍ତୀ ଅବସରରେ ମଞ୍ଚସ୍ଥ

ତା ୨୦-୧୦-୨୦୨୪ରିଖ (ରବିବାର)

ସଂଧ୍ୟା ୬ ଘଟିକା

## ନାଟ୍ୟାଂଶରେ

ଗୁରୁଜୀ- ସସ୍ମିତା ମହାପାତ୍ର

ବ୍ରହ୍ମଚାରିଣୀ - ସ୍ୱୟଂ ପ୍ରଭା ପଣ୍ଡା

ବାପା - ଦେବାଶିଷ ପଣ୍ଡା

ମାଆ - ସୁଜାତା ତରେଇ

ପୋଲିସ୍ ଅଫିସର - ସମ୍ୟରଞ୍ଜନ ପଣ୍ଡା

ମହିଳା କନେଷ୍ଟବଲ - ନିବେଦିତା ମାଝୀ

ଜନୈକ [illegible] - ଶୁଭ୍ରାଂଶୁ ଦଳେଇ

## ପ୍ରଥମ ଅଙ୍କ

(ପ୍ରଥମ ଦୃଶ୍ୟ)

( ଲିପିକାର ବାପା ମାଆ ଥାନାରେ ପହଞ୍ଚି କାକୁତି ମିନତୀ ହୋଇ କହିଚାଲିଲେ)

ମାଆ - ଥାନାବାବୁ, ଥାନା ବାବୁ ଆମକୁ ବଞ୍ଚାନ୍ତୁ, ନହେଲେ ଆମେ ଜୀବନ ହାରିଦେବୁ ।

ବାପା - ହଁ ଥାନାବାବୁ ଆପଣ କିଛି କରନ୍ତୁ । ନହେଲେ ଆମେ ଭାସି ଯିବୁ ।

ପୋଲିସ୍ ବାବୁ - ଆପଣଙ୍କର କ'ଣ ହୋଇଛି ? ଜୀବନ ହାରିଦେବ, ଭାସିଯିବ ଏ କଥାର ମାନେ କ'ଣ ? କ'ଣ ହୋଇଛି ଖୋଲି କୁହନ୍ତୁ ।

ମାଆ - ଥାନାବାବୁ, ଆମ ଝିଅ କଟକ କଲେଜରେ ପାଠ ପଢୁଥିଲା । ଦୁଇ ଦିନ ହେଲା ତା' ହଷ୍ଟେଲରୁ ଖବର ଆସିଲା ଯେ, ଆମ ଝିଅ କୁଆଡ଼େ ହଷ୍ଟେଲ ଛାଡ଼ି ପଳାଇ ଯାଇଛି, ତା ହଷ୍ଟେଲ ଠାରୁ ଆରମ୍ଭ କରି ଆମ ସମସ୍ତ ବନ୍ଧୁ ବାନ୍ଧବ ପର୍ଯ୍ୟନ୍ତ କାହାରି ଠାରୁ ଆମ ଝିଅର କିଛି ସନ୍ଧାନ ମିଳିଲା ନାହିଁ ।

ପୋଲିସ୍ ବାବୁ - ତେବେ ତା'ର କେହି ବୟ ଫ୍ରେଣ୍ଡ ଅବା ପୁରୁଷ ବନ୍ଧୁ ଅଛନ୍ତି ?

ବାପା - ହଁ ଆଜ୍ଞା ! ତା କଲେଜରେ ଏକା କ୍ଲାସ୍‌ରେ ପଢୁଥିବା ଜୟ ପ୍ରକାଶ ବୋଲି ପିଲାଟିକୁ ଭାରି ଭଲ ପାଉଥିଲା ବୋଲି କହୁଥିଲା । କିନ୍ତୁ ସେ ପିଲାର କୌଣସି ଖୋଜ୍ ଖବର ଆମ ପାଖରେ ନାହିଁ ।

ପୋଲିସ୍ ବାବୁ - ଠିକ୍ ଅଛି । ଆପଣ ପ୍ରଥମେ ପୋଲିସ୍ ଷ୍ଟେସନରେ ଏଫ୍.ଆଇ.ଆର୍ ଲେଖି କରି ଯାଆନ୍ତୁ । ଆମେ ଉକ୍ତ କଲେଜ ସହ ଯୋଗାଯୋଗ କରି ସେ ପିଲା ସହ ସଂମ୍ପର୍କ କରିବୁ, ପ୍ରାୟ ସବୁ ସତକଥା ଜଣା ପଡ଼ିବ ।

ମାଆ - ଆମ କଥା ନିଶ୍ଚୟ ବୁଝିବେ ସାର୍ । ନହେଲେ ଆମେ ଜୀବନ ହାରିଦେବୁ ।

ପୋଲିସ୍ ବାବୁ - କିଛି ବ୍ୟତିବ୍ୟସ୍ତ ହେବାର ନାହିଁ । ଆମେ ଆପଣଙ୍କ ଝିଅ ପଢୁ ଥିବା କଲେଜ କର୍ତ୍ତୃପକ୍ଷ ଓ କଟକ ପୋଲିସ୍ ସହ ଯୋଗା ଯୋଗ କରିବୁ । ଆପଣ ଧୈର୍ଯ୍ୟ ଧରିଲେ ସବୁ ସମସ୍ୟା ସମାଧାନ ହେବ ।

( ମଞ୍ଚ ଅନ୍ଧାର)

(ଦ୍ୱିତୀୟ ଦୃଶ୍ୟ)

( ପୋଲିସ୍ ସାଇରନ୍ ବାଜି ଉଠିଲା, ମଞ୍ଚରେ ଭୟଭୀତ ହୋଇ ଜୟ ପ୍ରକାଶ ପ୍ରବେଶ କଲେ)

ଜୟପ୍ରକାଶ - ଆରେ ପୋଲିସ୍ ସାଇରନ୍ ବାଜୁଛି କାହିଁକି ? କେହି କ'ଣ ଭୁଲ୍ କାମ କରିଛି ? ଆରେ ସତେ ତ ପୋଲିସ୍ ବାଲା ମୋ ଆଡ଼କୁ ଧାଇଁ ଆସୁଛନ୍ତି । ଏବେ ମୁଁ କ'ଣ କରିବି ?

(ପୋଲିସ୍ ବାବୁ ଓ କନେଷ୍ଟବଲ ଉଭୟ ପ୍ରବେଶ)

ପୋଲିସ୍ ବାବୁ - ଆରେ ତୁମେ ଜୟପ୍ରକାଶ ନାୟକ ?

ଜୟପ୍ରକାଶ - ସାର୍ , ଆପଣ ମୋ ନାମ ଜାଣିଲେ କେମିତି ?

ଲେଡ଼ି କନେଷ୍ଟବଲ- ତୁମେ ଲିପିକା ବୋଲି ଝିଅକୁ ଭଲ ପାଉଥିଲ ?

ଜୟପ୍ରକାଶ - ଲିପିକା ! ସେ ପୁଣି କିଏ ? ମୁଁ ତାକୁ ଜାଣେନି ।

ପୋଲିସ୍ ବାବୁ - ଜାଣିନ ? ଏବେ ପୋଲିସ୍ ଷ୍ଟେସନକୁ ଚାଲ, ସେଠାରେ ସବୁ ସତକଥା ବାହାରି ପଡ଼ିବ ।

ଜୟପ୍ରକାଶ - ଆପଣ ସେମିତି କରନ୍ତୁ ନାହିଁ । ମୁଁ ସଂପୂର୍ଣ୍ଣ ନିର୍ଦ୍ଦୋଷ, ମୋତେ ଛାଡ଼ି ଦିଅନ୍ତୁ । ଆଜ୍ଞା ! ମୁଁ ଲିପିକାର କୌଣସି କିଛି କ୍ଷତି କରିନାହିଁ ।

ପୋଲିସ୍ ବାବୁ - (ଜୋର୍‌ରେ କହିଲେ) ୟେସ୍ , ବର୍ତ୍ତମାନ କହୁଥିଲ ମୁଁ ଲିପିକାକୁ ଜାଣିନାହିଁ । ପୁଣି କହୁଛ ତା'ର କିଛି କ୍ଷତି କରି ନାହିଁ । ତା ମାନେ ତାକୁ ତୁମେ ଭଲ ଭାବେ ଜାଣିଛ ।

ଜୟପ୍ରକାଶ - (ଅକଲ ଗୁଡୁମ୍) ସରି ସାର୍ , ମୋର ଭୁଲ୍ ହୋଇ ଯାଇଛି ।

ପୋଲିସ୍ ବାବୁ - ଆରେ ସରି, ଭୁଲ୍ କଥା ଛାଡ଼ (ଜୟପ୍ରକାଶର କଲର ଧରି) ବର୍ତ୍ତମାନ କୁହ ସେ ଝିଅ କେଉଁଠି ?

ଜୟପ୍ରକାଶ - ସେ ବର୍ତ୍ତମାନ କେଉଁଠି ମୁ ଜାଣି ନାହିଁ ସାର୍ ।

ମହିଳା କନେଷ୍ଟବଲ- ବର୍ତ୍ତମାନ ସେ ଝିଅ କେଉଁଠି ? ତା'ର ସନ୍ଧାନ ନମିଳିବା ପର୍ଯ୍ୟନ୍ତ ତୁମେ ପୋଲିସ୍ ହେପାଜତ୍‌ରେ ରହିବ । ଚାଲ୍,ପୋଲିସ୍ ଷ୍ଟେସନକୁ ।

(ମଞ୍ଚ ଅନ୍ଧାର)

## (ତୃତୀୟ ଦୃଶ୍ୟ)

( ନୈପଥ୍ୟରେ ହରେକୃଷ୍ଣ ମହାମନ୍ତ୍ର ଉଚ୍ଚାରଣ ବାଦ୍ୟଯନ୍ତ୍ର ସହ)

ମନ୍ତ୍ର ମଧରେ ପ୍ରବେଶ କଲେ ଗୁରୁଜୀ ଓ ବ୍ରହ୍ମଚାରିଣୀ ଗୀତାଞ୍ଜଳି ଗୋପୀ ଦେବି ଦାସୀ ବ୍ୟାସପୀଠରେ ମଞ୍ଚାସୀନ ହେଲେ ବ୍ରହ୍ମଚାରିଣୀ ଓ ଗୁରୁଜୀ । ପରିଚୟ ପ୍ରଦାନ କଲେ ଗୁରୁଜୀ, ସମସ୍ତଙ୍କୁ ପ୍ରଣାମ ଜଣାଇଲେ ।

ଗୁରୁଜୀ - ଉପସ୍ଥିତ ସମସ୍ତ ଭକ୍ତଗଣଙ୍କୁ ମୋର କୋଟି କୋଟି ପ୍ରଣାମ । ଆଜି ଆମର ପରମ ସୌଭାଗ୍ୟ ଯେ ଆଜିର ଭାଗବତ କଥାରେ ବକ୍ତା ଅଛନ୍ତି,ଆମ ଆଶ୍ରମର ବ୍ରହ୍ମଚାରିଣୀ ଓ ମୋର ଶିଷ୍ୟା ଗୀତାଞ୍ଜଳି ଗୋପୀ ଦେବି ଦାସୀ ତାଙ୍କ ଶ୍ରୀମୁଖରୁ କିଛି ଭାଗବତ କଥା ଝରିଆସୁ ଏତିକି ଭଗବାନଙ୍କ ଠାରେ ପ୍ରାର୍ଥନା । ଧନ୍ୟବାଦ୍ ହରେକୃଷ୍ଣ । ସଂଗେ ସଂଗେ ବ୍ରହ୍ମଚାରିଣୀଙ୍କ ବେକରେ ଏକ ଫୁଲମାଳ ଲମ୍ବାଇ ଦେଲେ ଆଶ୍ରମ ଅନ୍ତେବାସିନୀ ।

ପ୍ରବଚନ ଆରମ୍ଭ: (ମାଗୋଞ୍ଚା ଚରିତ୍ର)

ଗୀତାଞ୍ଜଳି ଗୋପୀ ଦେବି ଦାସୀ- ବହୁତ ବହୁତ ଶୁଭକାମନା , ସମସ୍ତ ଭକ୍ତ ଜନଙ୍କ ଚରଣ କମଳରେ ମୋର କୋଟି କୋଟି ପ୍ରଣାମ । (ମଙ୍ଗଳା ଚରଣ ହେଉ ) ବର୍ତ୍ତମାନ ଭାଗବତ କଥା

ପ୍ରାରମ୍ଭ ହେଉ । କିନ୍ତୁ ଭାଗବତର କଥା କହିବା ପାଇଁ ମୋର ସେମିତି କିଛି ଜ୍ଞାନ ନାହିଁ, ତଥାପି ପ୍ରଭୁଙ୍କର କଥାରେ କିଛି ଭୁଲ୍ ରହିଲେ କ୍ଷମା କରିବାକୁ ଅନୁରୋଧ । ବାସ୍ତବରେ ଏ ସଂସାର ଦୁଃଖାଳୟ, ଅଶାସ୍ୱତମ୍ । ଜୀବ ନିଜକୁ ଆତ୍ମା ବୋଲି ନ ଭାବି ଶରୀର ପ୍ରତି ଅହେତୁକ ମମତା ଯୋଗୁଁ ସେ ତାର ଜୀବନର ଲକ୍ଷ୍ୟ ଠାରୁ ଦୂରେଇ ଯାଉଛି । ଜୀବ ଭୌତିକ ମାୟାର ସେବା କରି ଜନ୍ମମୃତ୍ୟୁ ଚକ୍ରରେ ଘୂରି ବୁଲୁଛି । ଏ ସଂସାର ଭବର ସାଗର । ଜନ୍ମ, ମୃତ୍ୟୁ, ଜରା ଓ ବ୍ୟାଧିର ସାଗର । ପୁଣି ଆଧି ଭୌତିକ, ଆଦି ଦୈବିକ୍ ଓ ଆଧାତ୍ମିକ ଦୁଃଖ ମଣିଷକୁ ମଧ ଭୟଭୀତ କରାଏ । ମାତୃ ଗର୍ଭରେ ଥିବା ବେଳେ ଜୀବାତ୍ମା କଷ୍ଟ ପାଉଥିବା ବେଳେ ଭଗବାନଙ୍କୁ ପ୍ରାର୍ଥନା କରେ,ପ୍ରଭୁ ଏଇ ଥର ମୋତେ ପାର କରିଦିଅ , ଜନ୍ମପରେ ନିଶ୍ଚୟ ଆପଣଙ୍କୁ ଭଜିବି । କିନ୍ତୁ ଜନ୍ମ ପରେ କୁଆଁକୁଆଁ ରାବରେ ମାୟା ଲାଗି ସବୁ ଭୁଲିଯାଏ । ତେଣୁ ଏ ସଂସାରରେ ଦୁଃଖ ହି ଦୁଃଖ । ସୁଖ କାହୁଁ ମିଳିବ , ଏଥିରୁ କ'ଣ ମୁକ୍ତି ନାହିଁ । ହଁ ଅଛି, ମୁକ୍ତିର ପଥ ଭାଗବତ । ସଦା ହରିନାମ ସ୍ମରଣହିଁ ମୁକ୍ତିର ଦ୍ୱାର ଖୋଲିଦିଏ । (ସଂଗେ ସଂଗେ ଭାସି ଆସିଲା ସ୍ୱର -

ଗୋବିନ୍ଦ ଗୋବିନ୍ଦ ପଦ୍ମ ଗଳୁଛି ମକରନ୍ଦ .....

ଠିକ୍ ଅଛି ଆଜିତ ସମୟ ହୋଇ ଯାଇଛି, ବର୍ତ୍ତମାନ ଆଜିର ଭାଗବତ କଥାର ବିରାମ ଏଇଠାରୁ ହେଉ । ଯେଉଁମାନଙ୍କ କଥାରେ ସଂଶୟ ଅଛି ସେମାନେ ଜଣଜଣ କରି ପ୍ରଶ୍ନ ପଚାରି ପାରନ୍ତି ।

ପୁଣି ଏକ ସ୍ୱର ଭାସି ଆସିଲା- ମାତାଜୀ ! ଦଣ୍ଡବତ ପ୍ରଣାମ । ଆମ୍ଭମାନଙ୍କ ଜୀବନର ବହୁତ ନିଛକ ସତ୍ୟ ଜଣାଇଲେ । ସେଥିପାଇଁ ଆପଣଙ୍କୁ ସାଧୁବାଦ ଜଣାଉଛି । ତେବେ ଗୋଟିଏ ପ୍ରଶ୍ନ ରଖିବି, ଯଦି କିଛି ଅସୁବିଧା ନଥାଏ, କହିଲେ ଭଲ ହୁଅନ୍ତା । ଆପଣ କିପରି ସଂସାର ତ୍ୟାଗ କରି ଏହି ବ୍ରହ୍ମଚାରିଣୀର ପଥ ଆଦରିଲେ ?

ଗୀତାଞ୍ଜଳି ଗୋପୀ ଦେବି ଦାସୀ- (ହସିଲେ) ମୁଁ ସଂସାର ତ୍ୟାଗ କରିନାହିଁ । ମୁଁ ସଂସାରରେ ଅଛି । ଈଶ୍ୱରଙ୍କ ଦ୍ୱାରା ତିଆରି ସଂସାର ମୋତେ ବ୍ରହ୍ମଚାରିଣୀର ପରିଚୟ ଦେଇଛି । ସେଥିପାଇଁ ସଂସାର ଠାରେ ଋଣୀ । ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ ଅବା ତୃତୀୟ ହେବାକୁ ହେଲେ ତେବେ ଗୋଟିଏ ଶ୍ରେଣୀରେ କିଛି ପିଲା ପାଠ ପଢ଼ିବା ଦରକାର । ତେବେ ଏହି ଅନିତ୍ୟ ସଂସାରରେ ପରିଚୟ ପାଇଥିବା ବ୍ରହ୍ମଚାରିଣୀର କାହାଣୀ ଶୁଣନ୍ତୁ । ମୁଁ ଗୋଟିଏ ମଧ୍ୟ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଗୋଟିଏ ପିଲା, ଯାହାର ନାମ ଜୟପ୍ରକାଶ ତାକୁ ଭଲ ପାଇ ବସିଲି, କିନ୍ତୁ .....

ମଞ୍ଚ ଅନ୍ଧାର (ରଙ୍ଗିନ୍ ଦୁନିଆର ଗୀତ)

(ସଂଗେ ସଂଗେ ବେଶ ବଦଳାଇ ପ୍ରବେଶ କଲେ ଲିପିକା ଓ ତା'ର ପୁରୁଷ ବନ୍ଧୁ ଜୟପ୍ରକାଶ)

ଜୟପ୍ରକାଶ - ମୋ ପିଛା ଛାଡ଼ିଦିଅ ଲିପିକା । ମୁଁ ଚାହୁଁନାହିଁ ତୁମେ ମୋ ସହିତ ମିଳାମିଶା କର ।

ଲିପିକା - କ'ଣ କହିଲ ଜୟପ୍ରକାଶ ? ମୁଁ ପିଛା ଛାଡ଼ିଦେବି , କହିଲ ଦେଖି ପ୍ରଥମେ କିଏ କାହାର ପଛରେ ପଡ଼ିଥିଲା ? ତୁମ ପୁଅ ପିଲାମାନେ କ'ଣ ଝିଅମାନଙ୍କୁ

ଶସ୍ତା ଭାବିଛ ? ମୋ ସରଳ ବିଶ୍ୱାସରେ ଫାଇଦା ଉଠାଇ ଆଜି ମୋତେ ପ୍ରତ୍ୟାଖ୍ୟାନ କରୁଛ ।

ଜୟପ୍ରକାଶ - ଆରେ ଇଏ ତ ଗୋଟେ ବୋକି ଝିଅ । ତୁ ସିନେମା ଟି.ଭି. କିଛି ଦେଖୁନାହୁଁ । କେହି କ'ଣ କାହାକୁ ପରମାନେଣ୍ଟ ଭଲ ପାଏ ? ଆଜିକାଲି ସବୁଆଡ଼େ ଭେଜାଲ । କ୍ଷୀରରେ ଭେଜାଲ, ପରିବାରେ ଭେଜାଲ, ଔଷଧରେ ଭେଜାଲ, କଥାରେ ଭେଜାଲ କାହିଁ କେତେ କେତେ ଭେଜାଲ ଚାଲିଛି । ତୁ ଭାବିଛୁ, ପ୍ରେମଟା ଖାଲି ଖାଣ୍ଟି ହେବ, ଜାଣିଛୁ ଏଇଟା କଳି ଯୁଗ, ମଣିଷ ମନରେ କେତେବେଳେ କ'ଣ ଚାଲେ ସ୍ୱୟଂ ବ୍ରହ୍ମା ମଧ ଜାଣି ପାରନ୍ତି ନାହିଁ ।

ଲିପିକା - ନା ନା ଜୟପ୍ରକାଶ, ତୁମେ ସେମିତି ଅବାଧ ହୁଅନାହିଁ । ତୁମେ ମୋ ମନରେ ଅନେକ ବିଶ୍ୱାସ ଭରି ଦେଇଛ । ମୋ ସହିତ ଅନେକ ଖେଳ ଖେଳିଛ, ତେବେ କୁହ ଏ ଖେଳଟା କ'ଣ ମିଛ ?

ଜୟପ୍ରକାଶ - ମିଛ, ମିଛ, ମିଛ ।

ଲିପିକା - ମୋ ବିଶ୍ୱାସ ଉପରେ ତୁମେ କୁଠାରଘାତ କରି ତୁମେ ଭଲ ନାହିଁ ଜୟ ପ୍ରକାଶ, ଏବେ କୁହ ତୁମର ଧୋକା ମୋତେ କେତେ ମାନସିକ ଆଘାତ ନ ଦେବ , ମୋ ବାପା ମାଆଙ୍କ ଠାରେ ତୁମ ପାଇଁ ଯେଉଁ ଓକିଲାତି କରିଥିଲି , ତା'ର କ'ଣ ହେବ ?

ଜୟପ୍ରକାଶ - ଆ ହା , ବେଶି ନାଟକ କରନା, ଚୁପ୍‌ଚାପ୍ ଚାଲିଯା, ଆଉ ଅଧିକ କଥା କହିଲେ, ମୋ ମୁଣ୍ଡ ଗରମ ହୋଇଯିବ । ଖବରକାଗଜ ଟିଭିରେ ଜାଣିଲେ ଅମୁକ କଲେଜ ପଢ଼ନ୍ତା ଝିଅକୁ ତା'ର ପ୍ରେମିକ ଫୁସୁଲେଇ ଜଙ୍ଗଲକୁ ଡ଼ାକିନେଇ ସେଠାରେ ଗଳାଚିପି ହତ୍ୟାକରି ଗଛରେ ଟାଙ୍ଗୀ ଦେଇଛି ।

ଲିପିକା - ତୁମେ ମୋତେ ବରଂ ମାରିଦିଅ (ପାଖକୁ ଯାଇ), ମୁଁ କିଛି କହିବି ନାହିଁ । ହେଲେ ତୁମ ବିନା ମୁଁ ବଞ୍ଚି ପାରିବି ନାହିଁ । ମୋ ପାଇ ଟିକିଏ ଭାବ, ମୋର କ'ଣ ହେବ ?

ଜୟପ୍ରକାଶ - ଆରେ ମୋର ଭାବିବାର କିଛି ନାହିଁ , ମୁଁ କ'ଣ ମୁର୍ଖ, ତୋତେ ମାରି ଜେଲ୍‌ରେ ପଶିବି, ମୁଁ ଚାଲିଲି, ଏ ଶୁଣ୍ ଆଜିଠାରୁ ତୋର ମୋର ସବୁ ସଂପର୍କ ଶେଷ । (ପଳାୟନ)

ଲିପିକା - (ହାତ ଦେଖାଇ) ନା ନା ଜୟପ୍ରକାଶ, ତୁମେ ଏତେବଡ଼ ଧୋକା ଦେଇ ଚାଲିଗଲ, ଜୟପ୍ରକାଶ, ଜୟପ୍ରକାଶ (କାନ୍ଦି ବସି ପଡ଼ିଲେ ) (ଦୁଃଖର ଗୀତ ଭାସି ଆସିଲା)

ଲିପିକା - ଗୀତ ଶେଷରେ ମୋ ଭଳି ସରଳ ଝିଅ କିଭଳି ମୁହଁ ଦେଖାଇ ସଂସାରରେ ବାଟ ଚାଲିବ, ହେ ଭଗବାନ ! ବର୍ତ୍ତମାନ ମୁଁ କ'ଣ କରିବି ? ମୁଁ ଜୀବନ

ରଖିବି ନା ଶେଷ କରିଦେବି ? ଜୟପ୍ରକାଶର ଧୋକାକୁ ମୁଁ ସହି ପାରୁନାହିଁ, ବର୍ତ୍ତମାନ ମୁଁ ଜୀବନ ହାରିଦେବି । ହଁ,ହଁ ଏ ଶରୀରକୁ ଶେଷ କରିଦେବି । (ଚିନ୍ତାକରି) ବାପା, ତୁମେ ମୋତେ କ୍ଷମା କରିଦେବ ବାପା । ମାଆ, ତୁମେ ତୁମର ଅବାଧ ଝିଅକୁ ଭୁଲିଯିବ । ତୁମେମାନେ ଜୀବନ ସାରା ଭଲ ପରାମର୍ଶ ଦେଇଛ, କିନ୍ତୁ ମୁଁ ଜୟପ୍ରକାଶକୁ ବୁଝି ପାରିଲି ନାହିଁ । ତୁମେମାନେ ମୋର ଭଲ ବାପା,ମାଆ ହୋଇଛ କିନ୍ତୁ ମୁଁ ତୁମର ଭଲ ଝିଅ ହୋଇପାରିଲି ନାହିଁ । ମୋ ଆତ୍ମହତ୍ୟା ପାଇଁ କେହି ଦାୟୀ ନୁହଁନ୍ତି । ଏହାର ମୁଖ୍ୟ ଆସାମୀ ମୁଁ ନିଜେ । ଏ ଶରୀରକୁ ମୁଁ ନିଶ୍ଚୟ ଶେଷ କରିଦେବି । ହଁ ହଁ ଶେଷ କରିଦେବି । (ପଳାୟନ) (ଗୀତ) କୃଷ୍ଣ ସଂଗୀତ ସଂଗେ ସଂଗେ ଗୁରୁଜୀ ପ୍ରବେଶ କଲେ ।

ଗୁରୁଜୀ - ଏ ସଂସାର ବଡ଼ ବିଚିତ୍ର । ତା' ଠାରୁ ବଡ଼ ବିଚିତ୍ର ଏ ମଣିଷ ଜାତି । ମଣିଷ ଏ ଶରୀର ପାଇଁ କାହିଁ କେତେ ବଡ଼ ବଡ଼ ଯୋଜନା କରୁଛି । ଦିନରାତି ଗଧଭଳି ଖଟି, ବ୍ୟାଙ୍କରେ କୋଟି କୋଟି ଟଙ୍କା ଜମା ରଖୁଛି, ନିଜର ଜୀବନ ଭୋଗବିଳାସ ଆଉ ଇନ୍ଦ୍ରିୟ ତୃପ୍ତିରେ ବ୍ୟସ୍ତରହି ଦୁର୍ଲ୍ଲଭ ମଣିଷ ଜୀବନକୁ ଶେଷ କରୁଛି । ପୁଣି ଜନ୍ମ ମୃତ୍ୟୁର ଚକ୍ରରେ ଘାଣ୍ଟି ହେଉଛି । ଏହା କ'ଣ ମଣିଷ ଜୀବନର ଲକ୍ଷ୍ୟ । ମଣିଷର ସର୍ବୋତ୍ତମ ଲକ୍ଷ୍ୟ ହେଉଛି ଭଗବତ ପ୍ରାପ୍ତି । ଏ ଜନ୍ମମୃତ୍ୟୁ ଚକ୍ରରୁ ଉଦ୍ଧାର ହୋଇ ସିଧା ଭଗବାନଙ୍କର ପରମଧାମ ଗୋଲକ ବୃନ୍ଦାବନକୁ ଫେରିଯିବା । ଏ ଅନିତ୍ୟ ସଂସାର କ୍ଷଣ ଭଙ୍ଗୁର । ସଂସାରରେ ସୁଖ ନାହିଁ । ଭଗବାନ ହେଲେ ପରମ ଭୋକ୍ତା, ଜୀବ ହେଲା ନିତ୍ୟର ସେବକ, ଯଦି ଜୀବ ଭଗବାନଙ୍କର ପ୍ରେମମୟୀ ସେବା ବା ଭକ୍ତିଯୋଗ ନ କରେ ସେ କେବେହେଲେ ସୁଖ ବା ଆନନ୍ଦ ପ୍ରାପ୍ତ କରିପାରିବ ନାହିଁ । (ଦୂରକୁ ଦେଖି) ଆରେ ଆରେ ନଦୀ କୂଳରେ ଗୋଟିଏ ଝିଅ ଏକୁଟିଆ କ'ଣ କରୁଛି ? କୌଣସି ଭୁଲ୍ ନିଷ୍ପତ୍ତି ନେଉ ନାହିଁ ତ ? ମୋତେ ସେ ଝିଅ ପାଖକୁ ଯିବାକୁ ପଡ଼ିବ, ହଁ ହଁ ଯିବାକୁ ପଡ଼ିବ । (ପ୍ରସ୍ଥାନ) ( ପୁଣି ଉଭୟ ଲିପିକା ଓ ଗୁରୁଜୀ ପ୍ରବେଶ)

ଲିପିକା - ମୋତେ ଛାଡ଼ି ଦିଅ, ମୋତେ ଛାଡ଼ିଦିଅ, ମୁଁ ବଞ୍ଚିବାକୁ ଚାହେଁନା, ମୁଁ ନିଶ୍ଚୟ ଏ ଶରୀରକୁ ଶେଷ କରିଦେବି ।

ଗୁରୁଜୀ - କାହାକୁ ଶେଷ କରିଦେବ ? ଏ ଶରୀରକୁ, ଏଇଟା ତୁମର ମସ୍ତବଡ଼ ଭୁଲ୍ । ତୁମେ ନିଜକୁ ଶରୀର ବୋଲି ଭାବୁଛ । କିନ୍ତୁ ତୁମ ଶରୀରର ହୃଦୟ କନ୍ଦରରେ ଆସୀନ ଆତ୍ମା ପରମାତ୍ମାକୁ କ'ଣ ଶେଷ କରିଦେବ । ସେମାନେ ହେଲେ ଅବିନାଶି ଅକ୍ଷର, ଅନନ୍ତ, ଅଜର , ଅମର । ଆତ୍ମହତ୍ୟା ଭଳି ଘୃଣ୍ୟ ପଦକ୍ଷେପ ନନେଇ ଭୁଲ୍ ହୋଇଥିବା ପଦକ୍ଷେପକୁ ସଜାଡ଼ି ଦେଲେ ଅତି ଉତ୍ତମ ହେବ । ଭଗବାନ ହିଁ ସତ୍ୟ , ଆଉ ସବୁ କ୍ଷଣ ଭଙ୍ଗୁର ।

| | | |
|---|---|---|
| ଲିପିକା | - | ଯଦି ଈଶ୍ୱର ସତ୍ୟ, ତେବେ ମୋ ଜୀବନ ଆକାଶରେ କାହିଁକି ଏ ଝଡ଼ ସୃଷ୍ଟି ହେଲା ? ମୁଁ ଯାହା ହାତ ଧରି ଭଲ ପାଇ ବସିଲି ସେ ମୋତେ ଧୋକା ଦେଇ ଜୀବନର ଦୋ ଛକିରେ ହାତ ଛାଡ଼ି ଦେଇ ଚାଲିଗଲା କାହିଁକି ? |
| ଗୁରୁଜୀ | - | ଭୁଲ୍ ରାସ୍ତାରେ ଗତିକଲେ କେହି ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରନ୍ତି ନାହିଁ । ବାସ୍ତବିକ୍ ଏ ଦୁନିଆରେ ଭଗବାନ ହିଁ ଆମର ବନ୍ଧୁ, ପିତାମାତା, ଗୁରୁ ଗୁରୁଜନ ସବୁକିଛି । ତୁମେ ତାଙ୍କରି ଶରଣରେ ଯାଅ । ଏ ମିଛ ଦୁନିଆରେ ସ୍ୱାର୍ଥରେ ସାମାନ୍ୟ ଆଞ୍ଚ ଆସିଲେ ବା ଇନ୍ଦ୍ରିୟ ଲାଳସାରେ ବସବର୍ତ୍ତୀ ହୋଇ ମଣିଷ କିଛି ବି କରିପାରେ । |
| ଲିପିକା | - | ତେବେ ମୋର କର୍ତ୍ତବ୍ୟ କ'ଣ ? |
| ଗୁରୁଜୀ | - | ଏ ଅନିତ୍ୟ କ୍ଷଣ ଭଙ୍ଗୁର ସଂସାର ମାୟାର ଚକ୍ରରେ ନ ପଡ଼ି ଭଗବାନଙ୍କର ଶରଣାପନ୍ନ ହୁଅ । ଜୀବର ସ୍ୱରୁପ ହେଉଛି, ପରମ ଅଦ୍ୱୟ ସତ୍ୟ, ଭଗବାନ ଶ୍ରୀକୃଷ୍ଣଙ୍କର ନିତ୍ୟ ସେବକ । ପ୍ରଭୁଙ୍କର ଦାସାନୁଦାସ ହୋଇ ପାରିଲେ, ଭଗବାନଙ୍କର କୃପା ମିଳିଲେ ଜୀବର ଆଉ ପୁର୍ନରଜନ୍ମ ହେବନାହିଁ । ଏ ଦୁଃଖପୂର୍ଣ୍ଣ ସଂସାରରେ ଆଉ ପତିତ ହେବ ନାହିଁ । ତାର ବାସସ୍ଥାନ ହେବ, ପରମବ୍ୟୋମ ଗୋଲକ ବୃନ୍ଦାବନ । |
| ଲିପିକା | - | ପ୍ରଣାମ ଗୁରୁଜୀ, ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ୍ । ମୋ ଜୀବନ ବଞ୍ଚାଇ ଆତ୍ମହତ୍ୟାର ଘୋର ପାପରୁ ରକ୍ଷା କରିଥିବାରୁ ମୁଁ ଆପଣଙ୍କ ଠାରେ ଚିରଋଣୀ । ମୋତେ ଆପଣଙ୍କର ଶିଷ୍ୟା ରୂପେ ଗ୍ରହଣ କରିବାର ସୁଯୋଗ ଦିଅନ୍ତୁ । |
| ଗୁରୁଜୀ | - | ଠିକ୍ ଅଛି ମା', ତୁମେ ମୋ ଆଶ୍ରମର ମାତାଜୀମାନଙ୍କର ଗହଣରେ ରହି ସାଧନା, ସ୍ୱାଧାୟ, ସେବା କରିବାର ପରାକାଷ୍ଠା ଦେଖାଅ । ତୁମେ ହୋଇ ପାରିବ, ଆମ ଦେଶର ଗାର୍ଗୀ, ମୈତ୍ରୀ ଓ ଲୋପାମୁଦ୍ରା । ତୁମେ ହୋଇ ପାରିବ, ନିତ୍ୟ ପରମ ଅଦ୍ୱୟସତ୍ୟ ଭଗବାନ ଶ୍ରୀକୃଷ୍ଣଙ୍କର ସେବିକା । ଫେରି ଚାଲ୍, ଆମ ଆଶ୍ରମ ଆଡ଼େ । (ମଞ୍ଚ ଅନ୍ଧାର) |
| ଲିପିକା | - | ଶୁଣିଲେ ତ ମୋ ଜୀବନ କାହାଣୀ, ଏ ସବୁର ଶ୍ରେୟ ମୋର ଗୁରୁଦେବଙ୍କ ଯୋଗୁଁ ସମ୍ଭବ ହୋଇଛି । (ବ୍ୟାସ ଆସନରେ ବସି ସମସ୍ତଙ୍କୁ ତାଳି ମାରିବା ପାଇଁ ଅନୁରୋଧ କରିବେ) ଏହା ହେଲା ମୋ ଜୀବନର ଗତି ପଥର ପରିବର୍ତ୍ତନ । ଭଗବାନଙ୍କର ଅଶେଷ କୃପା ଓ ଗୁରୁଦେବଙ୍କର ଆଶୀର୍ବାଦ ଯୋଗୁଁ ଆଜି ଆପଣମାନଙ୍କ ଠାରେ ପଦୁଟିଏ କହିବାର ଯୋଗ୍ୟତା ଆସିଛି ବୋଲି ଆପଣମାନେ ବିଚାର କରିବେ । ହରେ କୃଷ୍ଣ ହରେ କୃଷ୍ଣ |

(ଅଡ଼ିଆନ୍ସରେ ବସିଥିବା ବାପା ମାଆ ମଞ୍ଚ ଉପରକୁ ଉଠି ଆସି କ୍ରନ୍ଦନ କରି କହିବେ)

ମାଆ - ଆଲୋ ମାଆ ତୁ ଏଠାରେ ଅଛୁ , ଆମେ ସଂସାର ସାରା ଖୋଜି ଖୋଜି ପାଉ ନଥିଲୁ ।

ବାପା - ମା ଲିପିକା, ତୋତେ ଆମେ ଜୀବନରେ ପାଇବୁ ବୋଲି ଆଶା ହରେଇ ଦେଇଥିଲୁ । ପୁରୀ ଶ୍ରୀକ୍ଷେତ୍ରର ଜଗାବଳିଆର କୃପା ଯୋଗୁଁ ଆମେ ସ୍ୱଚକ୍ଷୁରେ ତୋତେ ଦେଖିବାକୁ ପାଇଲୁ । ତାଙ୍କୁ କୋଟି କୋଟି ପ୍ରଣାମ ।

(ଲିପିକା ଉଭୟ ବାପାମାଆ ଓ ଗୁରୁଜୀଙ୍କୁ ପ୍ରଣାମ କଲେ)

ବ୍ରହ୍ମଚାରିଣୀ - ମାଆ ମୋତେ କ୍ଷମା କରିଦିଅ । ମୁଁ ତୁମମାନଙ୍କୁ ବହୁତ କଷ୍ଟ ଦେଇଛି । ମୋତେ କ୍ଷମା କରିଦିଅ ।

ମାଆ - ଆମେ ସବୁ ବୁଝି ପାରୁଛୁରେ ମା', ସବୁଠାରୁ ଖୁସି ଯେ, ତୁ ବଞ୍ଚିଛୁ ।

ବାପା - ଯେଉଁ ଗୁରୁଜୀ ତୋତେ ମୃତ୍ୟୁ ମୁଖରୁ ଉଦ୍ଧାର କରି ଜୀବନ ଜିଁଇବାର କୌଶଳ ଶିଖାଇଛନ୍ତି ତାଙ୍କୁ ମଧ ଅଶେଷ ଅଶେଷ ଧନ୍ୟବାଦ୍ ।

ମାଆ - ଆଲୋ ମା' ତୁ କ'ଣ ଆଉ ଆମ ଘରକୁ ଯିବୁନି ?

ଲିପିକା - ସବୁ ଗୁରୁଦେବଙ୍କ ନିର୍ଦ୍ଦେଶ ଉପରେ ନିର୍ଭର କରେ ।

ଗୁରୁଜୀ - ଆପଣଙ୍କ ଝିଅ ଆଶ୍ରମରେ ରହି ସେବା, ସାଧନା, ସ୍ୱାଧାୟ, ସାଧୁସଙ୍ଗ ଲାଭ କରି ଅନେକ ମାର୍ଜିତ ହୋଇଛନ୍ତି । ଆବଶ୍ୟକ ହେଲେ ସେ ମଧ ଆପଣଙ୍କ ଘରକୁ ଯିବା ଆସିବା କରିପାରିବେ କିନ୍ତୁ ଗୋଟିଏ ସର୍ତ୍ତରେ । ମନେ ରଖନ୍ତୁ ଆପଣଙ୍କ ଝିଅ ବର୍ତ୍ତମାନ ଏହି ଆଶ୍ରମ ଅର୍ଥାତ୍ ଧାମରେ ବାସ କରୁଛନ୍ତି । ତେଣୁ ଆପଣଙ୍କୁ ନିବେଦନ ଆପଣଙ୍କ ଘରକୁ ଧାମରେ ପରିଣତ କରନ୍ତୁ । ଯେଉଁଠାରେ ଭଗବାନଙ୍କର ଭଜନ କୀର୍ତ୍ତନ, ସାଧୁସଙ୍ଗ, ସ୍ୱାଧାୟ ହେଉଥିବ । ତାହାହିଁ ହେବ ପ୍ରକୃତରେ ଅନିତ୍ୟ ସଂସାରରେ ନିତ୍ୟ ସେବକର ସାଧନା ।

( ଗୀତ)

॥ ଶେଷ ॥